# NATIONAL NEWS BULLETIN (ODIA)

## 10 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଅତିରିକ୍ତ ଏଲ୍.ପି.ଜି. ଉତ୍ପାଦନ କରିବାକୁ ତୈଳ ବିଶୋଧନାଗାର ଗୁଡ଼ିକୁ ନିର୍ଦ୍ଦେଶ ଦେଲେ ସରକାର ।
- ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥି ପ୍ରତ୍ୟାହାରର ସମୟସୀମା ଶେଷ ପରେ ପଶ୍ଚିମବଙ୍ଗର ୫ ଜଣ ଏବଂ ଆସାମର ୩ ଜଣ ପ୍ରାର୍ଥି ବିଜୟୀ ଘୋଷିତ ।
- କେରଳ ଏବଂ ତାମିଲନାଡୁକୁ ଆସନ୍ତାକାଲି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

– ବହୁବିଧ ବିକାଶ ମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ନେପାଳ ସଂସଦୀୟ ନିର୍ବାଚନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଦୁଇ ତୃତୀୟାଂଶ ବହୁମତ ଆଡ଼କୁ ଅଗ୍ରସର ।

– ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟର ଭାରତ ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ।

## ଗଭ୍-ଏଲ୍‌ପିଜି

ଘରୋଇ ଚାହିଦାକୁ ଦୃଷ୍ଟିରେ ରଖି ଅତିରିକ୍ତ ଏଲ୍.ପି.ଜି. ଉତ୍ପାଦନ କରିବାକୁ ତୈଳ ବିଶୋଧନାଗାରଗୁଡ଼ିକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଇନ୍ଧନ ଯୋଗାଣରେ ସୃଷ୍ଟ ଆହ୍ୱାନକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି, ଘରୋଇ ଏଲ୍.ପି.ଜି. ଯୋଗାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ମହଜୁଦ ଏବଂ କଳା ବଜାରୀକୁ ପ୍ରତିହତ କରିବା ଲକ୍ଷ୍ୟରେ ବୁକିଂ ଅବଧି ସମୟସୀମାକୁ ସରକାର ବୃଦ୍ଧି କରିଛନ୍ତି । ଗୋଟିଏ ଏଲ୍.ପି.ଜି. ବୁକିଂର ୨୫ ଦିନ ପରେ ଅନ୍ୟଟି ବୁକିଂ କରିବାର ନିୟମାବଳୀ ଜାରି କରାଯାଇଛି ।

ଆମଦାନି ହୋଇଥିବା ଏଲ୍.ପି.ଜି.କୁ ହସ୍ପିଟାଲ୍ ଏବଂ ଶିକ୍ଷାନୁଷ୍ଠାନ ଭଳି ଅତ୍ୟାବଶ୍ୟକ କ୍ଷେତ୍ରକୁ ପ୍ରାଥମିକତାର ସହ ପ୍ରଦାନ କରାଯାଉଛି

ବୋଲି ମନ୍ତ୍ରଣାଳୟ କହିଛି । ତେବେ ରେସ୍ତୋରାଁ, ହୋଟେଲ ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ଏଲ୍.ପି.ଜି. ଯୋଗାଣର ଆବଶ୍ୟକତାକୁ ସମୀକ୍ଷା କରିବା ଲକ୍ଷ୍ୟ ନେଇ ତୈଳ ବିପଣନ କମ୍ପାନୀଗୁଡ଼ିକର ତିନି ଜଣ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଡବ୍ଲ୍ୟୁବି-ଆସାମ-ଆର୍‌ଏସ୍ ଇଲେକ୍‌ସନ୍

ରାଜ୍ୟସଭାରେ ନିର୍ବାଚନରେ ପଶ୍ଚିମବଙ୍ଗର ୫ ଜଣ ଏବଂ ଆସାମର ୩ ଜଣ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି । ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହରର ଶେଷ ଦିବସ ରହିଥିଲା । ଏହା ପରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଦଳର ପ୍ରାର୍ଥୀ ବାବୁଲ ସୁପ୍ରିଓ, କୋଏଲ ମଲ୍ଲିକ, ରାଜୀବ କୁମାର ଏବଂ ମେନକା ଗୁରୁସ୍ୱାମୀ ଓ ବିଜେପିର ରାହୁଲ ସିହ୍ନାଙ୍କୁ ବିଜୟୀ ଘୋଷଣା କରାଯାଇଛି । ସେମାନଙ୍କୁ ବିଜୟ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଛି ।

ସେହିଭଳି ଆସାମର ଶାସକ ଏନ୍.ଡି.ଏ. ମେଣ୍ଟର ସମସ୍ତ ୩ ଜଣ ଯାକ ପ୍ରାର୍ଥୀଙ୍କୁ ଆନୁଷ୍ଠାନିକ ଭାବେ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ଘୋଷଣା କରାଯାଇଛି । ରିଟର୍ଣ୍ଣିଂ ଅଫିସର୍‌ଙ୍କଠାରୁ ସେମାନେ ଗତକାଲି ପ୍ରମାଣପତ୍ର ହାସଲ କରିଛନ୍ତି । ଏହି ପ୍ରାର୍ଥୀମାନେ ହେଉଛନ୍ତି,

ବିଜେପିର ଯୋଗେନ ମୋହନ ଏବଂ ତେରଶ ଗୋଓ୍ୱାଲା ଓ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବେରାଲ୍ ଦଳର ପ୍ରମୋଦ ବୋରୋ । ବିରୋଧି କଂଗ୍ରେସ ପକ୍ଷରୁ ଏହି ନିର୍ବାଚନ ପାଇଁ କୌଣସି ପ୍ରାର୍ଥି ଦିଆଯାଇ ନ ଥିଲା ।

ଓଡ଼ିଶାରେ କୌଣସି ପ୍ରାର୍ଥି ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିନାହାନ୍ତି । ଫଳରେ ୫ ଜଣ ଯାକ ପ୍ରାର୍ଥି ନିର୍ବାଚନ ରଣାଙ୍ଗନରେ ରହିଛନ୍ତି ।

# ବୈଷ୍ଣବ-ଓ୍ୱେବିନାର

ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମ ମନୋରଂଜନରେ ପ୍ରାଥମିକ ଭୂମିକା ଗ୍ରହଣ କରୁଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସବ୍ କା ସାଥ୍, ସବ୍ କା ବିଶ୍ୱାସ ଲୋକଙ୍କ ଆକାଂକ୍ଷା ପୂରଣ ଶୀର୍ଷକ ବଜେଟ୍ ପରବର୍ତ୍ତୀ ଓ୍ୱେବିନାରକୁ ସମ୍ବୋଧନ କରି ଗତକାଲି ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର ସୃଜନଶୀଳତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଓ୍ୱେବ୍ସ ପ୍ଲାଟ୍‌ଫର୍ମ କାର୍ଯ୍ୟକ୍ଷମ କରାଯାଇଛି । ଦେଶର ସଂସ୍କୃତି, ଖାଦ୍ୟ ଏବଂ ସ୍ଥାନୀୟ ଉତ୍ପାଦ ଗୁଡ଼ିକ ସହ ଭାରତର ସୃଜନଶୀଳ ଅର୍ଥନୀତି ସମ୍ପର୍କରେ ବିଶ୍ୱ ଅବଗତ ହୋଇଛି । ଇତିମଧ୍ୟରେ ଓ୍ୱେବ୍ସ ଏକ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରାପ୍ତ ପ୍ଲାଟ୍‌ଫର୍ମ ପାଲଟିଛି । ଏହା ନୀତିନିର୍ଦ୍ଧାରକ ଏବଂ ଉଦ୍ୟୋଗୀଙ୍କୁ ବିକାଶର ମାର୍ଗ ଉପରେ ମତ ବିନିମୟ କରିବା ପାଇଁ ଏକ ମଞ୍ଚ ପ୍ରଦାନ

କରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ଦେଶର ସୃଜନଶୀଳ କ୍ଷେତ୍ର ପାଇଁ ୱେବ୍ସ ପାଖାପାଖି ୧ ହଜାର କୋଟି ଟଙ୍କାର ବ୍ୟବସାୟ ଆଣିପାରିଛି ।

## ପ୍ରଧାନ-ୱେବିନାର

ଶିକ୍ଷା, ନିଯୁକ୍ତି, ଉଦ୍ୟୋଗ, ନବସୃଜନ ଏବଂ ଗବେଷଣା କ୍ଷେତ୍ରକୁ ଆଗାମୀ ବଜେଟ୍ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ସବ୍ କା ସାଥ୍, ସବ୍ କା ବିଶ୍ୱାସ ଲୋକଙ୍କ ଆକାଂକ୍ଷା ପୂରଣ ଶୀର୍ଷକ ବଜେଟ୍ ପରବର୍ତ୍ତୀ ୱେବିନାରର ଉଦ୍ଯାପନୀ ଅଧିବେଶନରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ ସମାବେଶୀ ଏବଂ ସହଜ ଶିକ୍ଷା ପ୍ରଣାଳୀକୁ ସମର୍ଥନ କରୁଛି । ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏବଂ ଅଂଶିଦାରଙ୍କ ଅଂଶଗ୍ରହଣ ନେଇ ଶାସନ ପ୍ରକ୍ରିୟା ଅଧିକ ସନ୍ତୁଳିତ ତଥା ସୁବ୍ୟବସ୍ଥିତ ହୋଇପାରିଛି । ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ଅଂଶିଦାରଙ୍କୁ ସେମାନଙ୍କ ମୂଲ୍ୟବାନ ପରାମର୍ଶ ଏବଂ ଦୂରଦୃଷ୍ଟି ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଶିକ୍ଷାରୁ ନିଯୁକ୍ତି କ୍ଷେତ୍ରକୁ ସୁଦୃଢ଼ କରିବା, ଭବିଷ୍ୟତ ପାଇଁ ପ୍ରସ୍ତୁତ ପାଠ୍ୟକ୍ରମକୁ ବିକଶିତ କରିବା, ଦକ୍ଷତା କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ନେଇ ଏହି ଅଧିବେଶନରେ ମତବିନିମୟ ହୋଇଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କେରଳ ଓ ତାମିଲନାଡୁ ଗସ୍ତରେ ଯିବେ । ଅପରାହ୍ଣ ସାଢ଼େ ଗୋଟାଏରେ କେରଳର ଏର୍ଣ୍ଣାକୁଲମ୍ ଠାରେ ପ୍ରାୟ ୧୦ ହଜାର ୮୦୦ କୋଟି ଟଙ୍କାର କେତେକ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଆୟୋଜିତ ସମାବେଶକୁ ଶ୍ରୀ ମୋଦୀ ସମ୍ବୋଧନ କରିବେ । ପରେ ତାମିଲନାଡୁ ତିରୁଚିରାପଲ୍ଲିଠାରେ ପ୍ରାୟ ୫ ହଜାର ୬୫୦ କୋଟି ଟଙ୍କାର ବହୁବିଧ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

# ନେପାଳ-ପୁଲ୍ସ ରେଜଲ୍ଟ

ନେପାଳ ସଂସଦୀୟ ନିର୍ବାଚନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଆର୍.ଏସ୍.ପି. ଦୁଇ ତୃତୀୟାଂଶ ବହୁମତ ଆଡ଼କୁ ଅଗ୍ରସର ହେଉଛି । ଗତ ସନ୍ଧ୍ୟା ସୁଦ୍ଧା ପ୍ରତ୍ୟକ୍ଷ ମତଦାନ ଅଧୀନରେ ୧୨୫ଟି ଆସନ ହାସଲ କରିସାରିଛି । ଆନୁପାତିକ ଭୋଟିଂ ବ୍ୟବସ୍ଥା ଅଧୀନରେ ଆର୍.ଏସ୍.ପି. ୪୮ ଲକ୍ଷ ୨୯ ହଜାର ୯୧୦ ଖଣ୍ଡ ଭୋଟ ପାଇଛି । ସିଧାସଳଖ ମତଦାନ ବ୍ୟବସ୍ଥାରେ ଘୋଷିତ ହୋଇଥିବା ୧୬୪ଟି ଆସନ ମଧ୍ୟରୁ

ଆର୍.ଏସ୍.ପି. ୧୨୫ଟି ହାସଲ କରିଥିବା ବେଳେ ନେପାଳୀ କଂଗ୍ରେସ-ଏନ୍.ସି. ୧୮, ସି.ପି.ଏନ୍.-ୟୁ.ଏମ୍.ଏଲ୍. ୯ଟି ଆସନ, ନେପାଳ କମ୍ୟୁନିଷ୍ଟ ପାର୍ଟି ଏନ୍.ସି.ପି. ୭ଟି, ଶ୍ରମ ସଂସ୍କୃତି ପାର୍ଟି - ଏସ୍.ଏସ୍.ପି. ୩ଟି, ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି - ଆର୍.ପି.ପି. ଗୋଟିଏ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥି ନିର୍ବାଚିତ ହୋଇଛନ୍ତି । ଆନୁପାତିକ ଭୋଟିଂ ବ୍ୟବସ୍ଥା ଅଧୀନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ମଧ୍ୟ ୪୮ଟି ଅତିରିକ୍ତ ଆସନ ହାସଲ କରିବାର ଆଶା କରାଯାଉଛି ।

ଫଳରେ ୨୭୫ ସଦସ୍ୟ ବିଶିଷ୍ଟ ପ୍ରତିନିଧି ସଭାରେ ଆର୍.ଏସ୍.ପି. ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିବ । ପ୍ରଥମଥର ପାଇଁ ନେପାଳରେ ମାଧେସି ସମ୍ପ୍ରଦାୟର ଜଣେ ବ୍ୟକ୍ତି ବାଲେନ୍ଦ୍ର ଶାହା ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି । ସେ ମଧ୍ୟ ନେପାଳ ଇତିହାସରେ ସବୁଠାରୁ କମ୍ ବୟସ୍କ ନିର୍ବାଚିତ ମୁଖ୍ୟ ହେବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ଅଧ୍ୟକ୍ଷ ରବି ଲାମିଛାନେ ଏବଂ ନେତା ବାଲେନ୍ଦ୍ର ଶାହାଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଟେଲିଫୋନ୍ ଯୋଗେ ସେମାନଙ୍କ ସହ କଥାବାର୍ତ୍ତା କରି ଶ୍ରୀ ମୋଦୀ ଦ୍ୱିପାକ୍ଷିକ ପାରସ୍ପରିକ ସମ୍ପର୍କ ବୃଦ୍ଧି, ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ସହଭାଗିତାର ସହ କାର୍ଯ୍ୟ କରିବାକୁ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ପ୍ରକାଶ କରିଛନ୍ତି ।

# ପୁଟିନ-ଟ୍ରମ୍ପ୍ ୟୁଏସ୍ ଇରାନ୍ ଓ୍ୱାର

ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍‌ର ଆକ୍ରମର ଏବଂ ୟୁକ୍ରେନ୍ ବିବାଦ ସଂପର୍କରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଗତକାଲି ଆଲୋଚନା ହୋଇଛି । ଟେଲିଫୋନ୍ ମାଧ୍ୟମରେ ହୋଇଥିବା ଏହି ଆଲୋଚନା ସମ୍ପର୍କରେ ସୂଚନା ଦେଇ ରାଷ୍ଟ୍ରପତି ପୁଟିନ୍‌ଙ୍କ କୂଟନୈତିକ ପରାମର୍ଶଦାତା ୟୁରି ଉଷାକୋଭ୍ କହିଛନ୍ତି, ଗତ ଡିସେମ୍ବର ମାସର ଆଲୋଚନା ପରେ ପ୍ରଥମଥର ପାଇଁ ଦୁଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ଘଣ୍ଟା ଧରି କଥାବାର୍ତ୍ତା ହୋଇଛି । ଓ୍ୱାଶିଂଟନ୍ ଏଭଳି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲା । ଇରାନ୍ ବିରୁଦ୍ଧରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣକୁ ରାଜନୈତିକ ତଥା କୂଟନୈତିକ ମାର୍ଗରେ ସମାଧାନ କରିବାକୁ ରାଷ୍ଟ୍ରପତି ପୁଟିନ୍ ଆହ୍ୱାନ ଦେଇଛନ୍ତି ବୋଲି ଉଷାକୋ କହିଛନ୍ତି ।

# ଜିତେନ୍ଦ୍ର-୩୫ ସ୍କୋଭା ମିଟିଂ

କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ସ୍ଥାୟୀ କମିଟି ସ୍କୋଭାର ୩୫ତମ ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ କଲ୍ୟାଣ ସମ୍ବନ୍ଧୀୟ ସମସ୍ୟା

ଗୁଡ଼ିକର ସମାଧାନ ଲକ୍ଷ୍ୟ ନେଇ ପେନସନ୍ ଏବଂ ପେନସନ୍ ଭୋଗି କଲ୍ୟାଣ ବିଭାଗ ଦ୍ୱାରା ଏହି ବୈଠକର ଆୟୋଜନ କରାଯାଇଛି । ପେନସନ୍ ସଂକ୍ରାନ୍ତ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଏହା ସହାୟକ ହେବା ସହ ସେମାନଙ୍କ ଜୀବନଧାରଣ ମାନରେ ଏହି ବୈଠକ ଉନ୍ନତି ଆଣିବ ବୋଲି ବିଭାଗ ଆଶାବ୍ୟକ୍ତ କରିଛି ।

## ମ୍ୟାଲେରିଆ-କନ୍‌ଫରେନ୍ସ

ନୂଆଦିଲ୍ଲୀ ଠାରେ ଆୟୋଜିତ ଆନ୍ତର୍ଜାତିକ ମ୍ୟାଲେରିଆ ସମ୍ମିଳନୀ ୨୦୨୬ ଉଦ୍‌ଯାପିତ ହୋଇଛି । ଦେଶ ତଥା ବିଶ୍ୱର ବିଶେଷଜ୍ଞ, ନୀତିନିର୍ଦ୍ଧାରକ ଏବଂ ଗବେଷକ ମ୍ୟାଲେରିଆ ନିରାକରଣ ପାଇଁ ସଶକ୍ତ ପଥ ଉନ୍ମୁକ୍ତ କରିବାରେ ଏହି ତିନି ଦିନିଆ ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି, ମ୍ୟାଲେରିଆ ନିରାକରଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ଏବଂ ମ୍ୟାଲେରିଆ ମୁକ୍ତ ବିଶ୍ୱ ଗଠନ ଦିଗରେ ଏହି ସମ୍ମିଳନୀରେ ଜନସ୍ୱାସ୍ଥ୍ୟ ବିଶ୍ୱସଜ୍ଞ, ନୀତିନିର୍ଦ୍ଧାରକ ଏବଂ ଗବେଷକଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି ।

# ଏଫ୍‌ଆଇଏଚ୍-ହକି

ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟର ଗତକାଲି ଅନୁଷ୍ଠିତ ଭାରତ ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଛି । ହାଇଦ୍ରାବାଦ୍‌ଠାରେ ଗତ ସନ୍ଧ୍ୟାରେ ପୁଲ୍-ବି'ର ଏହି ମ୍ୟାଚ୍‌ରେ ଉଭୟ ଦଳ ପରସ୍ପରକୁ ୨ଟି ଲେଖାଏଁ ଗୋଲ୍ ଦେଇଥିଲେ ।

ଏହି ଯୋଗ୍ୟତା ପର୍ଯ୍ୟାୟ ପାଇଁ ହାଇଦ୍ରାବାଦ୍ ଏବଂ ଚିଲିର ସାଣ୍ଟିଆଗୋ ଠାରେ ମ୍ୟାଚ୍ ଖେଳାଯାଉଛି । ଉଭୟ ସ୍ଥାନରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଦଳ ସିଧାସଳଖ ଭାବେ ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତାକୁ ଉନ୍ନିତ ହେବ । ବେଲଜିୟମ୍ ଏବଂ ନେଦରଲ୍ୟାଣ୍ଡ ମିଳିତ ଭାବେ ଚଳିତ ବର୍ଷ ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ଆୟୋଜନ କରୁଛନ୍ତି ।